# ଶିକ୍ଷକଙ୍କୁ ବିରୋଧ କରି ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ



ଉଦଳା,୧୮।୪(ସମିସ): ବିଦ୍ୟାଳୟରେ ଶିକ୍ଷକଙ୍କୁ ବିରୋଧ କରାଯାଇ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି ଅଭିଭାବକ। ଏମିତି ଏକ ଘଟଣା ଘଟିଛି ଉଦଳା ବ୍ଲକ ଅଧୀନସ୍ଥ ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ଶାଳମୁଣ୍ଡୁଳି ଗ୍ରାମରେ। ପ୍ରତ୍ୟେକ ଦିନ ଭଳି ବିଦ୍ୟାଳୟ ସକାଳ ସମୟରେ ଖୋଲିଥିଲା ଓ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ସ୍ୱାଭାବିକ ଭାବେ ଆସିଥିଲେ। କାର୍ଯ୍ୟରତ ଶିକ୍ଷକ ମଧ୍ୟ ନିଜ ନିଜ କାର୍ଯ୍ୟରେ ଯୋଗ ଦେବାର କିଛି ସମୟ ପରେ ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ପହଞ୍ଚି ବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ତାଲା ପକାଇ ଦେଇଥିଲେ। ବିକାଶ ରଞ୍ଜନ ବେହେରା ନାମକ ଶିକ୍ଷକ ଯିଏକି କପ୍ତିପଦା ବ୍ଲକ ଲାଲବହାଦୁର ଉଚ୍ଚ ବିଦ୍ୟାଳୟରେ କିଛି ମାସ ପୂର୍ବରୁ କାର୍ଯ୍ୟରତ ଥିବା ସମୟରେ ବଜ୍ରକାପ୍ତା ଚାଲାଣ କେଶରେ ଛନ୍ଦି ହୋଇ ବନ ବିଭାଗ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ, ତାଙ୍କୁ କାର୍ଯ୍ୟରେ ନିଲମ୍ବିତ କରାଯାଇଥିଲା। ତାଙ୍କ କେଶ ଏବେ କୋର୍ଟରେ ଚାଲୁଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ତାଙ୍କୁ ଏବେ ବନଦୁର୍ଗା ଉଚ୍ଚ ବିଦ୍ୟାଳୟ ଶାଳମୁଣ୍ଡୁଳି ଗ୍ରାମରେ ନୂତନ ଚାକିରିରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର ଲୋକ ଏ ସମ୍ପର୍କରେ ଜାଣିବା ପରେ ଏପରି ଶିକ୍ଷକଙ୍କୁ ଆମେ ବିଦ୍ୟାଳୟରେ ପଶିବାକୁ ଦେବୁ ନାହିଁ କହି ଗେଟରେ ତାଲା ପକାଇ ଦେଇଥିଲେ। ଉକ୍ତ ବିରୋଧ ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିବା ମଧ୍ୟ ନଜରକୁ ଆସିଥିଲା। ଜିଲ୍ଲା ଶିକ୍ଷାଧିକାରୀ ଆମ ବିଦ୍ୟାଳୟକୁ ଜଣେ ଭଲ ଶିକ୍ଷକ ଦିଅନ୍ତୁ ବୋଲି କହିଛନ୍ତି।

### ବାମନଘାଟି ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତ, ଉପଜିଲ୍ଲାପାଳ ପଦ ଖାଲି

# ବରିଷ୍ଠ ଅଧିକାରୀ ନ ଥିବାରୁ ଉପଖଣ୍ଡରେ ବଢୁଛି ଦୁର୍ନୀତି

ରାଇରଙ୍ଗପୁର, ୧୮।୪ (ସମିସ):

ବାମନଘାଟି ଉପଖଣ୍ଡର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଅଜିତ କୁମାରଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ସେ ୨୦୨୨ ବ୍ୟାଚର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଟନ୍ତି। ପୂର୍ବରୁ ନାଗାଲ୍ୟାଣ୍ଡ କ୍ୟାଡ଼ର ଥିବାବେଳେ ନୂତନ କରି ଓଡ଼ିଶା କ୍ୟାଡ଼ର ପାହ୍ୟାକୁ ସ୍ଥାନିତ ହୋଇଛନ୍ତି। ତାଙ୍କୁ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳ ଗତ ମାର୍ଚ୍ଚ ୩୧ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିବା ପରଠାରୁ ଉକ୍ତ ପଦବୀ ଖାଲି ପଡିଥିଲା। ଶନିବାର ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନୂତନ ଭାବେ ନିଯୁକ୍ତି ନେଇ ଅତିରିକ୍ତ ଶାସନ ସଚିବ ଦେବାଶିଷ ସିଂହ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।



ତେବେ ବାମନଘାଟି ଉପଖଣ୍ଡ ଉପଜିଲ୍ଲାପାଳ ପଦବୀ ଅନେକ ଦିନ ହେବ ଖାଲି ପଡିଛି। ପୂର୍ବରୁ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅନ୍ୟତ୍ର ବଦଳି ପରେ ପ୍ରାୟ ମାସକ ହେବ ଉକ୍ତ ସ୍ଥାନରେ କେହି ଯୋଗଦାନ କରିନାହାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଉପଜିଲ୍ଲାପାଳ ଭାବେ ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ନିଯୁକ୍ତ କରାଯାଇଛି। କିନ୍ତୁ ବଦଳି ହୋଇଥିବା ସତ୍ତ୍ୱେ ସେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦାନ କରିନାହାନ୍ତି। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବାବେଳେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ। କିନ୍ତୁ ଉପଖଣ୍ଡର ବରିଷ୍ଠ ଅଧିକାରୀ ପଦବୀ ଖାଲି ପଡିବା ସଠିକ ନୁହେଁ। ରାଇରଙ୍ଗପୁର ଅଞ୍ଚଳ ପାଇଁ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ବାଧା ସୃଷ୍ଟି ହେଉଛି। ଅନ୍ୟପଟେ ବରିଷ୍ଠ ଦୁଇଟି ଅଧିକାରୀ ପଦବୀ ଖାଲି ଥିବାରୁ ଉପଖଣ୍ଡରେ ଦୁର୍ନୀତିମାତ୍ରା ମଧ୍ୟ ବୃଦ୍ଧି ପାଇଛି। ଦୁର୍ନୀତି ଖୋର ସରକାରୀ ଅଧିକାରୀ ମାନେ ଲଘୁ ଖଣିଜ ଓ ଜମି ମାଫିଆଙ୍କ ସହ ସଲାସୁତୁରା ହୋଇ ଦୁର୍ନୀତି ମାତ୍ରା ବୃଦ୍ଧି କରିଛନ୍ତି। ତେବେ ଜଣେ ଅଣ ଓଡିଆ ଆଇଏଏସ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତ ହେଉଥିବାରୁ ଦୁର୍ନୀତିଖୋରଙ୍କ ଭୟ ସୃଷ୍ଟି ହୋଇଛି। ରାଜ୍ୟ ସରକାର ତୁରନ୍ତ ଉପ ଜିଲ୍ଲାପାଳ ପଦବୀ ପୂରଣ କରିବା ଆବଶ୍ୟକ ଅଟେ।

## ତପସ୍ୟା କ୍ଲାସେସ୍‌ର ସଫଳତା

ଆନନ୍ଦପୁର, ୧୮।୪ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସିନେମା ହଲ ଛକରେ ଥିବା ତପସ୍ୟା କ୍ଲାସେସ୍‌ର ପାର୍ଥ ପ୍ରିତମ ୯୭ ପ୍ରତିଶତ ନମ୍ବର ରଖି ଆନନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଟପର ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ସାଇକୃଷ୍ଣ ପ୍ରୁହାଣ ୯୪ ପ୍ରତିଶତ ଓ ସମୀର ପଲେଇ ୮୫ ପ୍ରତିଶତ ନମ୍ବର ରଖି ତପସ୍ୟା କ୍ଲାସେସର ଗୌରବ ବୃଦ୍ଧି କରିଥିବାରୁ ଆଜି ଅନୁଷ୍ଠାନ ପକ୍ଷରୁ ୩ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।







## ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଆନନ୍ଦପୁର, ୧୮।୪ (ସମିସ): ଅଂଶୁଘାତରେ ଜଣେ ମହିଳାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ନନ୍ଦିପଦା ଥାନା ଲଇଛନପୁର ଗାଁର ଶ୍ରୀକାନ୍ତ ବେହେରାଙ୍କ ପତ୍ନୀ ସ୍ୱର୍ଣ୍ଣଲତା ବେହେରା ବାଡ଼ିରେ ଶାଗ ତୋଳୁଥିବା ସମୟରେ ହଠାତ୍ ଶରୀର ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁ ସମ୍ପର୍କରେ ପରିବାର ଲୋକେ ମହିଳା ଜଣକ ଅଂଶୁଘାତରେ ପ୍ରାଣ ହରାଇଥିବା ଅଭିଯୋଗ କରିଛନ୍ତି।

## କମଳପୁରରେ ଷୋହଳ ପ୍ରହର ନାମଯଜ୍ଞ



ଚମ୍ପୁଆ/ଯୋଡ଼ା, ୧୮।୪(ସମିସ): ଜଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ କମଳପୁର ଗ୍ରାମବାସୀବୃନ୍ଦଙ୍କ ଆନୁକୂଲ୍ୟରେଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଖଣ୍ଡ ନାମଯଜ୍ଞ ଷୋହଳ ପ୍ରହର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଏକତ୍ରିତ ହୋଇ ଭଗବାନଙ୍କ ନାମ ସ୍ମରଣ କରି ଭଜନକୀର୍ତ୍ତନରେ ଲୀନ ହୋଇଥିଲେ। ଗତ ୧୪ ତାରିଖରୁ ଆରମ୍ଭ ଏହି ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ସଂକୀର୍ତ୍ତନର ସମସ୍ତ ପୂଜାବିଧି ସ୍ଥାନୀୟ ନନା ଧନୁର୍ଜୟ ଘଣାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଦିନରାତି ନିରନ୍ତର ଭାବେ ହରିନାମ ସଂକୀର୍ତ୍ତନ ଚାଲିଥିଲା। ମୁଖ୍ୟଅତିଥି ଭାବେ ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଜେପି ଜନନେତା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ଗଣେଶ୍ୱର ପାତ୍ର ଯୋଗ ଦେଇଥିଲେ। କମିଟିର ସମସ୍ତ ସଦସ୍ୟଙ୍କ ସହିତ ଦିପୁ ବେହେରା, ପପୁନ ଘଣା, ଅମିତ ବେହେରା, ରାଜେନ୍ଦ୍ର ବାରିକ, ପ୍ରଦୀପ ବେହେରା, ମନୋଜ ରାୟ, ସୁଲୋଚନା ବେହେରା, ସୁଷମା ବେହେରା, ଶାନ୍ତିଲତା ବାରିକ ଓ ଅନେକ ଗ୍ରାମବାସୀ ମହିଳା ଓ ପୁରୁଷ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଯଜ୍ଞ ଅବସରରେ ପୂଜାର୍ଚ୍ଚନା, ହୋମଯଜ୍ଞ, ଭଜନ ସନ୍ଧ୍ୟା ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନେକ ଅତିଥି ଓ ପଣ୍ଡିତମାନେ ଉପସ୍ଥିତ ହୋଇ ଧାର୍ମିକ ଉପଦେଶ ଦେଇଥିଲେ। ଶେଷରେ ବିଶେଷ ମହାପ୍ରସାଦ ବଣ୍ଟନ କରାଯାଇଥିଲା।

## ଚୋରା କାଠ ବୋଝେଇ ପିକ୍‌ଅପ୍ ଜବତ

ମୋରଡା,୧୮।୪(ସମିସ): ବେତନଟୀ ରେଞ୍ଜ ଅନ୍ତର୍ଗତ ବଡ଼ାମପୁର ସେକ୍ସନର ବେଣାଷୋଳ ଗ୍ରାମ ନିକଟରେ ଶନିବାର ସକାଳ ୭ଟା ସମୟରେ ଏକ ଚୋରା କାଠ ବୋଝେଇ ପିକଅପ୍‌କୁ ଜବତ କରିଛି ବନ ବିଭାଗ। ବଡ଼ାମପୁର ଫରେଷ୍ଟର ଦୀପକ ପାତ୍ରଙ୍କ ସୂଚନା ମୁତାବକ ଆଜି ସକାଳେ ବିଶେଷ ସୂତ୍ରରୁ ଖବର ପାଇ ଫରେଷ୍ଟ ଗାର୍ଡ ନମିତା ସେଠୀ ଓ ବନ ବିଭାଗ କର୍ମଚାରୀଙ୍କ ସହିତ ଚଢ଼ଉ କରି କାଠ ବୋଝେଇ ପିକଅପ୍‌କୁ ଜବତ କରିଥିଲେ। ତେବେ ଡ୍ରାଇଭର ଗାଡ଼ି ଛାଡି ଚମ୍ପଟ ମାରିଥିଲେ। ଗାଡ଼ିରେ ୧୬ ଖଣ୍ଡ କାଠ ଥିଲା।



## ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ବିଦାୟ ସମ୍ବର୍ଦ୍ଧନା



ବାରିପଦା,୧୮।୪(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ଶିଶିର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମବର୍ଷର ଛାତ୍ରଛାତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ସମାରୋହ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷର ଛାତ୍ରଛାତ୍ରୀ ସେମାନଙ୍କର ସମ୍ବର୍ଦ୍ଧନାର ଅଭିଭାଷଣ ପ୍ରଦାନ କଲାବେଳେ ବିଦାୟୀ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବିଗତ ଦିନର ବିଶ୍ୱବିଦ୍ୟାଳୟର ସ୍ମୃତିରାଜିକୁ ଉପସ୍ଥାପନ କରିଥିଲେ। ପ୍ରଥମବର୍ଷର ଛାତ୍ରଛାତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ମୃତି ଉପହାର ପ୍ରଦାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରଙ୍କ ମଧ୍ୟରୁ ସୀମାଲତା ସାହୁ , ଦୀପ୍ତିରେଖା ରାଉତ, ବର୍ଷାରାଣୀ ଜେନା, ପ୍ରମିଳା ସାହୁ, କେଶବ ରଣା, ଇତିଶ୍ରୀ ଦାସ, କାହ୍ନୁଚରଣ ପାଢ଼ୀ, ପ୍ରତିଭା ମଲ୍ଲିକ, ସାଗରିକା ମହାରଣା, କାର୍ତ୍ତିକ ପାତ୍ର, ରଶ୍ମିତା ବେରା ପ୍ରମୁଖ ନିଜର ସ୍ମୃତିଚାରଣ କରିଥିଲେ। ବିଭାଗୀୟ ସରକାରୀ ପ୍ରଫେସର ଡ ବିଚିତ୍ରନାଥ ସାହୁ, ଡ ବିନ୍ଧେଶ୍ୱରୀ କଲିଆ, ଅଧ୍ୟାପକ ରାଜକୁମାର ପାତ୍ର, ଅଧ୍ୟାପକ ହୃଷିକେଶ ମହାନ୍ତ ଅଭିଭାଷଣ ରଖିଥିଲେ। ପ୍ରାରମ୍ଭରେ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାନସୀ ମିଶ୍ର, ଅଞ୍ଜନା ଭଟ୍ଟ, ହେମାମାଳିନୀ ସେଠୀ, ପ୍ରିତିସ୍ମିତା ନନ୍ଦୀ, ସ୍ୱର୍ଣ୍ଣପ୍ରଭା ନାୟକ ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ। ପ୍ରଥମ ବର୍ଷର ଛାତ୍ର ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁକୁଡ଼ା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ଆହତ

ଆନନ୍ଦପୁର, ୧୮।୪ (ସମିସ): ଘଷିପୁରା ଥାନା ଅନ୍ତର୍ଗତ ଖପରାଖାଇ ସର୍ଭିସ ରୋଡ ନିକଟସ୍ଥ ଓଭରବ୍ରିଜ ସବୱେ ନିକଟରେ ସକାଳୁ ଏକ କୁକୁଡା ଛୁଆ ବୋଝେଇ ଟ୍ରକ ଓଲଟି ପଡିଛି। ଗାଡିର ଡ୍ରାଇଭର ଆହତ ହୋଇଛନ୍ତି। କୁକୁଡା ଗାଡ଼ିଟି ଏଗାର ହଜାର କୁକୁଡ଼ା ଛୁଆଙ୍କୁ ନେଇ ଛତିଶଗଡ ରାୟପୁରରୁ ଛେନାପଦି ଅଞ୍ଚଳକୁ ଆସୁଥିଲା। ଦୁର୍ଘଟଣାଗ୍ରସ୍ତ ଗାଡିରେ ଥିବା କୁକୁଡ଼ା ଛୁଆଗୁଡିକୁ ଉଦ୍ଧାର କରିବା ପାଇଁ ପୁଲିସ ଉଦ୍ୟମ କରିଥିବା ଜଣାଯାଇଛି।

### ● ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

## ଅଭିଯୁକ୍ତ ମେସ ମାଲିକ ଗିରଫ

ରାଇରଙ୍ଗପୁର,୧୮।୪(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣାଘାଟିସ୍ଥ ଏକ ଘରୋଇ ମେସରେ ଯୁବତୀଙ୍କୁ ମେସ ମାଲିକ ଅସଦାଚରଣ କରିଛନ୍ତି। ଏ ନେଇ ଯୁବତୀ ଜଣକ ମେସ ମାଲିକ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୮ ପୁରୁଣାଘାଟି ଅଞ୍ଚଳର ବାମିନ ଗାଗରାଇ (୬୦)ଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ସେ ଉକ୍ତ ମେସରେ ରହୁଥିବାବେଳେ ଅଭିଯୁକ୍ତ ବାମିନ ଗାଗରାଇ ତାଙ୍କୁ ଖରାପ ଦୃଷ୍ଟିରେ ଦେଖୁଥିଲେ। ତେବେ ସେ ମେସ ରୁମରେ ଏକୁଟିଆ ଥିବାବେଳେ ତାଙ୍କ ସହ ଅସଦାଚରଣ କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଯୁବତୀ ଜଣକ କୌଣସି ମତେ ଖସି ଯାଇ ଘଟଣା ବାବଦରେ ଜଣାଇଥିଲେ। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବଡ଼କୁଚିଆମରାରେ ମୁଣ୍ଡା ସମାଜର ବାଆ ବୋଙ୍ଗା ପରବ

ବାରିପଦା, ୧୮।୪(ସମିସ): ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ବଡ଼କୁଚିଆମରା ଗ୍ରାମରେ ଭାରତ ମୁଣ୍ଡା ସମାଜ ଓ ଶିମିଳିପାଳ



ମୁଣ୍ଡାରୀ ସଙ୍ଗୀତ ନୃତ୍ୟ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ବାଆ ବୋଙ୍ଗା ପରବର ସଂସ୍ଥାପକ ରବୀନ୍ଦ୍ର ନାଥ ସିଂହଙ୍କ ପୌରହିତ୍ୟରେ ଦୁଇଦିନ ଧରି ୩୫ତମ ବା ବଙ୍ଗା ପରବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗର ଭାରତ ମୁଣ୍ଡା ସମାଜର ଜେନେରାଲ ସେକ୍ରେଟେରୀ ନବୀନ ଚନ୍ଦ୍ର ସିଂହ, ମୁଖ୍ୟବକ୍ତା ଭାବେ ଭାରତ ମୁଣ୍ଡା ସମାଜର ରାଷ୍ଟ୍ରୀୟ ଉପସଭାପତି ତପନ ସିଂହ ଯୋଗଦେଇ ମୁଣ୍ଡା ସମାଜର ସାଂସ୍କୃତିକ ନବ ଜାଗରଣରେ ବା ବଙ୍ଗା ପରବର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ୬ଟି ମୁଣ୍ଡାରୀ କରମ୍ ଓ ଯାଦୁର ନୃତ୍ୟ ଦଳ କିଶନଡାହି, କୁଣ୍ଡଳବଣୀ, ମଧୁପୁର, ଝିନେଇ, ବଡକୁଲଡିହା ଓ ଶିମିଳିପାଳ ମୁଣ୍ଡାରୀ ସଙ୍ଗୀତ ନୃତ୍ୟ କଳା ବିକାଶ କେନ୍ଦ୍ର କଳାକାର ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ୩ଟି ମୁଣ୍ଡାରୀ ନାଟକ ଦଳ ଖୁଣ୍ଟା ବ୍ଲକର ଜୁରାଡିହି, ଶ୍ୟାମାଖୁଣ୍ଟା ବ୍ଲକର ସୁଗଳା ସାଙ୍ଗମ୍ ଅନୁଷ୍ଠାନର ବାଉଁଶବିଲା, ବଡକୁଚିଆମରା କିଶନଡାହି ଟୋଲକପୋଖରୀ ଗ୍ରାମର ଧାରତି ମା ମୁଣ୍ଡାରୀ ଅପେରା ପାର୍ଟି ୩ଦିନ ଧରି ମୁଣ୍ଡାରୀ ଭାଷାରେ ନାଟକ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଭାରତ ମୁଣ୍ଡା ସମାଜର ଜିଲ୍ଲା ସଭାପତି ଶିବ ପ୍ରସାଦ ସିଂହ, ଭାରତ ମୁଣ୍ଡା ସମାଜର ଯୁବ ସଭାପତି ସବରନ ସିଂହ, ଉପସଭାପତି ନଟବର ସିଂହ ଯୋଗଦେଇ ମୁଣ୍ଡା ସମାଜକୁ ଏକତ୍ରିତ କରିବା ଗୁରୁତ୍ୱ ଦେଇଥିଲେ। କମିଟିର ମଙ୍ଗଲ ସିଂହ, ଲୋଚନ ସିଂହ, ସୁଦର୍ଶନ ସିଂହ, ସହଦେବ ସିଂହ, ମଦନ ସିଂହ, ଗୁରା ସିଂହ, ସତ୍ୟରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କୁ ମୁକ୍ତାଝରୀ ଗ୍ରାମବାସୀଙ୍କ ଦାବିପତ୍ର

ମହୁଲଡିହା,୧୮।୪(ସମିସ): ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତର ଡକେଇପାଳ ଗ୍ରାମର ମୁକ୍ତାଝରି ସାହି ଲୋକେ ଦୀର୍ଘଦିନ ଧରି ଅବହେଳାର ଶିକାର ହୋଇଆସୁଥିବା ଅଭିଯୋଗ ହୋଇଆସୁଛି। ସାନ୍ତାଳ ସାହିରୁ କୋହ୍ଲ ସାହିକୁ ଯାତାୟାତ ପାଇଁ ରାସ୍ତା ନାହିଁ। ଫଳରେ ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଖଟରେ ବୋହି ଆଣିବାକୁ ପଡୁଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ ୨୦୦ରୁ ଅଧିକ ଲୋକ ବସବାସ କରୁଥିବା କୋହ୍ଲ ସାହିରେ ରାସ୍ତା ନିର୍ମାଣ ପାଇଁ ଲୋକେ ଦୀର୍ଘଦିନ ଧରି ପ୍ରସ୍ତାବ ଦେଇଆସୁଛନ୍ତି। ସରପଞ୍ଚ ଓ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ତରାମରା ପଞ୍ଚାୟତ ଗଠନ ହେବା ପରେ ଜରକ ପଞ୍ଚାୟତରେ ସଂଯୁକ୍ତ ଥିବା ଡକେଇପାଳ ଗ୍ରାମ ତରାମରା ପଞ୍ଚାୟତରେ ସାମିଲ ହୋଇଥିଲା। ଅବହେଳିତ ହୋଇଆସୁଥିବା ଡକେଇପାଳ ଗ୍ରାମର ମୁକ୍ତାଝରି ସାହି ବିକଶିତ ହେବାର ସ୍ୱପ୍ନ ଦେଖିଥିଲା। ଇତିମଧ୍ୟରେ ୧୦ ବର୍ଷ ବିତିଛି। ତଥାପି ମୁଖ୍ୟ ସମସ୍ୟା ସଡ଼କ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ସମ୍ଭବ ହେଲାନାହିଁ। ଏବେ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବ୍ଲକକୁ ଆସି ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଦାବି ପତ୍ର ପ୍ରଦାନ କରିଥିବା ଜଣାପଡିଛି।

## ଷୋହଳ ପ୍ରହର ନାମଯଜ୍ଞ

ବିଶୋଇ,୧୮।୪(ସମିସ): ବିଶୋଇ ବଜାରସ୍ଥ ସଂକୀର୍ତ୍ତନ ମଣ୍ଡପରେ ନେତାଜୀ କ୍ଲବ ଓ ବିଶୋଇ ବଜାର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ୪୭ତମ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଧିବାସ ପରେ ଅଖଣ୍ଡ ହରିନାମ ଆରମ୍ଭ ହୋଇଥିଲା। ଗୁରୁବାର ସମାପନ ହୋଇଥିଲା। ଝାଡ଼ଖଣ୍ଡ ରାଜ୍ୟର ଜଗନ୍ନାଥପୁର ସଂକୀର୍ତ୍ତନ ଦଳ, ପଶ୍ଚିମବଙ୍ଗର ନିତ୍ୟାନନ୍ଦ ସଂକୀର୍ତ୍ତନ ସମ୍ପ୍ରଦାୟ, ବିଶୋଇ ବ୍ଲକ ଅସନା ସଂକୀର୍ତ୍ତନ ଦଳ, ମାଣିଚ ସଂକୀର୍ତ୍ତନ ଦଳ ଓ ସାରସକଣା ବ୍ଲକର ଶାଳବଣି ସଂକୀର୍ତ୍ତନ ଦଳ ତିନିଦିନ ଧରି ହରିନାମ ସଂକୀର୍ତ୍ତନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତ ଉପସ୍ଥିତ ରହି ହରିନାମ ଶ୍ରବଣ କରିଥିଲେ। ନେତାଜୀ କ୍ଲବର ସମସ୍ତ ସଦସ୍ୟ ଓ ବିଶୋଇ ବଜାର ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ



ବାରିପଦା,୧୮।୪(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମୟୂରଭଞ୍ଜ ଦ୍ୱାରା ଜିଲ୍ଲାସ୍ତରୀୟ ୮ମ ପୋଷଣ ପକ୍ଷ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସୁଷମ ଖାଦ୍ୟର ସେବନ ଓ ବାଡ଼ି ବଗିଚାରେ ମିଳୁଥିବା ପୋଷକଯୁକ୍ତ ପନିପରିବା ପ୍ରଭୃତିକୁ ଖାଦ୍ୟରେ ବ୍ୟବହାର ସାଙ୍ଗକୁ ଶିଶୁଙ୍କ ଖାଦ୍ୟପେୟରେ ଉପଯୁକ୍ତ ଖାଦ୍ୟ ଦେବାକୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା କିଶୋର ଆଚାର୍ଯ୍ୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ର, ଶାମାଖୁଣ୍ଟାର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପୋଷକତତ୍ତ୍ୱ ସମ୍ମିଳିତ ବିଭିନ୍ନ ଖାଦ୍ୟ ପଦାର୍ଥ, ସୁଷମ ଖାଦ୍ୟ ଓ ଶିଶୁର ମସ୍ତିଷ୍କ ବିକାଶ ସାମଗ୍ରୀର ଷ୍ଟଲ୍, ସବୁଜ ପନିପରିବା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ପସରାର ପ୍ରଦର୍ଶନୀ ଜିଲ୍ଲାର ୨୬ଟି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନବାଡି କର୍ମୀ, ସହକର୍ମୀ, ମାଆମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହି ସମାରୋହରେ ଜିଲ୍ଲାର ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

## କାଣିମହୁଲି ଗ୍ରାମରେ ହନୁମାନ ଜୟନ୍ତୀ

ସାରସକଣା,୧୮।୪(ସମିସ): କାଣିମହୁଲି ଗ୍ରାମରେ ହନୁମାନ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଜୟ ହନୁମାନ ମନ୍ଦିର କମିଟି ପକ୍ଷରୁ ତିନିଦିନିଆ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଦିନରେ ପୂଜାର୍ଚ୍ଚନା, ମଙ୍ଗଳ ଆରତି ଓ ନାମ ସଂକୀର୍ତ୍ତନ ସହ ସନ୍ଧ୍ୟାରେ ରାମ ହନୁମାନ କଥା ପ୍ରବଚନ ହୋଇଥିଲା। ଦ୍ୱିତୀୟ ଦିନରେ ମଧ୍ୟ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷ ଦିନରେ ଭଜନ ସନ୍ଧ୍ୟା ଓ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଉପଦେଷ୍ଟା କମିଟିର ଗୁରୁପ୍ରସାଦ ମହାନ୍ତ, ପର୍ଶୁରାମ ମହାନ୍ତ, ଅନନ୍ତ ମହାନ୍ତ, ଦୁର୍ଗାପ୍ରସାଦ ମହାନ୍ତ, ଉପେନ୍ଦ୍ର ମହାନ୍ତ, ଦୀପକ ବେହେରା, ଛୁଟୁ ମହାନ୍ତ, ଅରୁଣ ମହାନ୍ତ, ବିଜୟ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଯବାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାସଗୋବିନ୍ଦପୁର,୧୮।୪(ସମିସ): ଦେଶ ପାଇଁ ସେବା କରି ଚାକିରି କାଳ ସରିବା ପରେ ଯବାନଙ୍କୁ ଲୋକେ ଭୁଲି ଯାଆନ୍ତି। କିନ୍ତୁ ଜଣେ ଅବସରପ୍ରାପ୍ତ ଯବାନଙ୍କୁ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବଜାରରେ ଏହା ଦେଖିବାକୁ ମିଳିଛି। ଅନ୍ଧାରୀ ଖଣ୍ଡାହାରି ଗ୍ରାମର ହେମେନ୍ଦ୍ର ସୋରେନ ଓ ମଲ୍ଲୀ ସୋରେନଙ୍କ ପୁଅ ଦେବେନ୍ଦ୍ର ସୋରେନ ୨୦ ବର୍ଷ ତଳେ ଦେବେନ୍ଦ୍ର ବିହାର ରେଜିମେଣ୍ଟରେ ଭାରତୀୟ ସେନାରେ ହାବିଲଦାର ଭାବେ ଯୋଗଦେଇ ଦେଶ ସେବାରେ ନିୟୋଜିତ ଥିଲେ। ଦେବେନ୍ଦ୍ର ମୁଜଫରବାଦ, କାଶ୍ମୀର, ସିକିମ, ସିଆଚୀନ, ଆସାମ ଆଦି ସ୍ଥାନରେ ଦାୟିତ୍ୱ ସଠିକ ଭାବେ ତୁଲାଇବା ପରେ ରାଜସ୍ଥାନରୁ ଅବସର ଗ୍ରହଣ କରିଥିଲେ। ଦେବେନ୍ଦ୍ର ଅପରାହ୍ନରେ ରାସଗୋବିନ୍ଦପୁରରେ ପହଞ୍ଚିବା ପରେ ଗ୍ରାମବାସୀ ଆଦିବାସୀ ରୀତିନୀତି ଅନୁସାରେ ପାରମ୍ପରିକ ବାଦ୍ୟ ବଜାଇ, ନାରା ଦେଇ ଦେବେନ୍ଦ୍ରଙ୍କୁ ସ୍ୱାଗତ କରି ଗାଁକୁ ପାଛୋଟି ନେଇଥିଲେ। ଆଗାମୀ ଦିନରେ ଯଦି ପୁଣି ଦେଶ ସେବା କରିବାକୁ ଆଦେଶ ମିଳିବ, ସେ ନିଜକୁ ଦେଶ ସେବାରେ ନିୟୋଜିତ କରିବେ ବୋଲି କହିଛନ୍ତି।



## ଝୁଲନ୍ତା ମୃତଦେହ ଉଦ୍ଧାର

ରାସଗୋବିନ୍ଦପୁର ୧୮।୪(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଖୁଣ୍ଟାପାଳ ପଞ୍ଚାୟତ ଦୁଲକି ସାହି ଉଦାଳିପାଳ ଗ୍ରାମରୁ ଆଜି ଏକ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଭାଦୁ ମାର୍ଣ୍ଡି ବୋଲି ଜଣାପଡ଼ିଛି। ଭାଦୁ ମାର୍ଣ୍ଡିଙ୍କ ମାନସିକ ସ୍ଥିତି ପୂର୍ବରୁ ସ୍ଥିର ନ ଥିଲା। ୩ ବର୍ଷ ପୂର୍ବେ ସେ କେଉଁଠିକୁ ଚାଲିଯାଇଥିଲେ। ଏବେ ତାଙ୍କ ମଝିଆଁ ଭାଇ ସହିତ ରହୁଥିଲେ। ଆଜି ସକାଳ ପ୍ରାୟ ୭ଟା ସମୟରେ ସେ ଘରୁ ବାହାରିଥିବାବେଳେ ପ୍ରାୟ ୧୦ଟା ସମୟରେ ରାସ୍ତା ଯାଉଥିବା ଲୋକେ ଝୁଲନ୍ତା ଅବସ୍ଥାରେ ଶବ ଦେଖିଥିଲେ। ଏହି ଘଟଣା ସମ୍ପର୍କରେ ବଡାମପୁର ଫାଣ୍ଡିକୁ ସୂଚନା ଦିଆଯାଇଥିଲା। ଫାଣ୍ଡି ଅଧିକାରୀ ସୁଶୀଲ ସାମଲ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଜାରି ରହିଥିବା କହିଛନ୍ତି।

# କମ୍ପାନୀ ସ୍ୱାର୍ଥରେ ଜମି ଅଧିଗ୍ରହଣ ଓ ପୁଲିସ ଦମନ ବିରୋଧ ବିକ୍ଷୋଭ

କପ୍ତିପଦା,୧୮।୪(ସମିସ):

ବାମପନ୍ଥୀ ଦଳର ଆହ୍ୱାନରେ ସିଜିମାଳି, ପାଟଣା ଓ ଲାଞ୍ଜିବେର୍ଣ୍ଣାରେ କମ୍ପାନୀ ସ୍ୱାର୍ଥରେ ଜମି ଅଧିଗ୍ରହଣ ଓ ପୁଲିସ ଦମନ ବିରୁଦ୍ଧରେ ରାଜ୍ୟ ବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଥିବାବେଳେ ଏସୟୁସିଆଇ ପକ୍ଷରୁ କାପ୍ତିପଦା ବ୍ଲକ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କାପ୍ତିପଦା ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ପାନୀ ସ୍ୱାର୍ଥରେ ଜମି ଅଧିଗ୍ରହଣ ଓ ପୁଲିସ ଦମନ ବିରୋଧରେ ପୁରୁଷ, ମହିଳା, ଛାତ୍ର ଯୁବକ ଅଣ୍ଟା ଭିଡି ଅଖିଆଅପିଆ ଦିନରାତି ନିଜର ଭିଟାମାଟି ରକ୍ଷା କରିବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି।




ଏହି ସଂଗ୍ରାମର ସମର୍ଥନରେ କାପ୍ତିପଦା ବ୍ଲକ୍‌ରେ ପ୍ରତିବାଦ ସଭା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବହୁଦେଶୀୟ କମ୍ପାନୀ ସ୍ୱାର୍ଥରେ ଦେଶର ଆଇନକାନୁନ୍ କିଛି ନ ମାନି ବଳପୂର୍ବକ ବିନା ସର୍ତ୍ତରେ ଦୋଫସଲି ଚାଷଜମି ଓ ଦେଶର ମୂଲ୍ୟବାନ ଖଣିଜ ପଦାର୍ଥକୁ ହସ୍ତାନ୍ତର କରିବା ପାଇଁ ସରକାର ଅତ୍ୟାଚାର ଚଳାଇଛନ୍ତି। ସାରା ଦେଶର ଚାଷୀ ମୂଲିଆ ଏକଜୁଟ ହୋଇ କମ୍ପାନୀ ଓ ଡବଲ ଇଞ୍ଜିନ ସରକାର ବିରୋଧରେ ଆନ୍ଦୋଳନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ ଏସ୍‌ୟୁସିଆଇ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ତଥା ଓଡ଼ିଶା ରାଜ୍ୟ କମିଟି ସଦସ୍ୟ ସାଦଚରଣ ବଦ୍ରା, ପାର୍ଟିର କପ୍ତିପଦା ବ୍ଲକ୍ କମିଟି ସମ୍ପାଦକ ଶ୍ୟାମ ବାନରା, ଜିଲ୍ଲା କମିଟି ସଦସ୍ୟ ବାଙ୍ଗରା ଉଗ୍ରସାଣ୍ଡି, ସମା ସମରାଇ, ଉଦୟ ସାମାଡ୍, ସୁବୁଦିଆ ହାଇବୁରୁ, କପ୍ତିପଦା ବ୍ଲକ୍ କମିଟି ସଦସ୍ୟ ଶାନ୍ତି ଚାକିଆ, ଯୁବରାଜ ସାମାଡ, ଭାଗବତ ସାଉଁୟା, କାହାୟ ପୂର୍ତ୍ତି, ବର୍ଜୁ ଚାକିଏ ପ୍ରମୁଖ ସାମିଲ ଥିଲେ।

